# ଓଡ଼ିଶା ବିଧାନସଭା

## ସପ୍ତମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୪ ସେପ୍ଟେମ୍ବର, ୨୦୨୬

----

[ଯୋଜନା ଓ ସଂଯୋଜନ - ଇସ୍ପାତ ଓ ଖଣି - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ସୂଚନା ଓ ଲୋକ ସମ୍ପର୍କ - ବାଣିଜ୍ୟ - ଜଳ ସମ୍ପଦ - ପରିବହନ - ମୁଖ୍ୟମନ୍ତ୍ରୀ ].

ମୋଟ ପ୍ରଶ୍ନର ସଂଖ୍ୟା 31

----

### ଅଟଳ ବସଷ୍ଟାଣ୍ଡ ନିର୍ମାଣ

*27 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବସ୍ ଯାତ୍ରାକୁ ବ୍ୟବସ୍ଥିତ କରିବା ପାଇଁ ଚଣ୍ଡିଖୋଲ ଠାରେ ଏକ 'ଅଟଳ ବସ୍ ଷ୍ଟାଣ୍ଡ' ନିର୍ମାଣ କରିବାକୁ ନିଷ୍ପତ୍ତି ହେଲା। ସରକାରଙ୍କ 2 ବର୍ଷ ପୂର୍ତ୍ତି ଅବସରରେ ଅର୍ଥାତ 4 ଜୁନ 2026ରେ ପ୍ରାୟ 26 କୋଟି 59ଲକ୍ଷ ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ବସ୍ ଷ୍ଟାଣ୍ଡ ନିର୍ମାଣ ହେବାର ବିଜ୍ଞପ୍ତି ପ୍ରକାଶ ପାଇଲା। କିନ୍ତୁ ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ଓ ୱେଲ୍‌ଫେୟାର କର୍ପୋରେସନ୍ ଦ୍ୱାରା ଆହୂତ ସେହି ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରାଯାଇଛି। ସେହି ଟେଣ୍ଡର ବାତିଲର କାରଣ କଣ ଏବଂ ଚଣ୍ଡିଖୋଲରେ କେବେ ସୁଦ୍ଧା ଏକ ଭବ୍ୟ 'ଅଟଳ ବସ୍ ଷ୍ଟାଣ୍ଡ' ନିର୍ମାଣ ହେବ?

----

### ସିଙ୍ଗିପୁରଠାରେ Mega Lift ଜଳ ସେଚନ ନିର୍ମାଣ

*61 **ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରେ ଋଷିକୂଲ୍ୟା ନଦୀରେ ମେଗା ପ୍ରୋଜେକ୍ଟ ମାଧ୍ୟମରେ ଗୁଡିଆଳି ପଂଚାୟତ ଓ ଗାଙ୍ଗପୁର ପଂଚାୟତଠାରେ Mega Lift ମାଧ୍ୟମରେ ଜଳ ସେଚନର ସୁବିଧା ପାଇଁ ମେଗା ପ୍ରୋଜେକ୍ଟ ନିର୍ମାଣ ପ୍ରସ୍ତାବ ସରକାରଙ୍କ ବିଚାରଧୀନ ଅଛି, ଏହାର ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ବ୍ୟବସ୍ଥା କରିବା ସହିତ ଖରଖରୀ ନଦୀର ସିଙ୍ଗିପୁରଠାରେ ଏହିଭଳି ଏକ ମେଗା ପ୍ରୋଜେକ୍ଟ ନିର୍ମାଣ ପାଇଁ ବ୍ୟବସ୍ଥା କରିବେକି?

----

### ବନ୍ୟା କ୍ଷୟ କ୍ଷତିଗ୍ରସ୍ତଙ୍କୁ ରିଲିଫ ସାମଗ୍ରୀ ପ୍ରଦାନ

*62 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତବର୍ଷର ବନ୍ୟାରେ କେଉଁ କେଉଁ ଜିଲ୍ଲାରେ କେତେ ପରିମାଣର କ୍ଷୟକ୍ଷତି ହୋଇଛି ; କେତେ ସଂଖ୍ୟକ ମଣିଷ, ଗାଈଗୋରୁ ଓ ଫସଲ ହାନି ହୋଇଛି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ ସହିତ ଜିଲ୍ଲାକୁ କେତେ ପରିମାଣର କି କି ପ୍ରକାର ରିଲିଫ ସାମଗ୍ରୀ ଯୋଗାଇ ଦିଆଯାଇଛି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

### ଲଘୁ ଖଣିଜ ବାବଦରେ ରାଜସ୍ୱ ଆଦାୟ

*63 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ତିନି ବର୍ଷରେ ବାଙ୍କୀ ଉପଖଣ୍ଡ ସହ କଟକ ସଦର ଉପଖଣ୍ଡକୁ ଲଘୁ ଖଣିଜ ଦ୍ରବ୍ୟ ବାବଦରେ କେତେ ରାଜସ୍ୱ ଆଦାୟ ହୋଇଛି?

----

### Critical Gap Fund ଖର୍ଚ୍ଚ ସମ୍ପର୍କରେ

*64 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପୁରୀ ଜିଲ୍ଲାର Critical Gap Fund ରୁ ନିର୍ବାଚନ ମଣ୍ଡଳୀ ଓ ଜିଲ୍ଲା ସ୍ତରରେ ଅର୍ଥରାଶି ମଞ୍ଜୁର ହେବା ସମୟରେ କେଉଁ ନିର୍ବାଚିତ ପ୍ରତିନିଧି ମାନଙ୍କର ଅନୁମୋଦନ ନେବାର ଆବଶ୍ୟକତା ଓ ବ୍ୟବସ୍ଥା ରହିଛି ଏବଂ ତାହା ପାଳନ କରାଯାଉଛି ତ, ଓ ଜିଲ୍ଲାକୁ ମଞ୍ଜୁର ହୋଇଥିବା Critical Gap Fund ଜିଲ୍ଲାରେ ଥିବା ସମସ୍ତ ନିର୍ବାଚନ ମଣ୍ଡଳୀକୁ ଗୁରୁତ୍ୱ ଦିଆଯାଉ ?

----

### ଅସ୍ତରଙ୍ଗ ବନ୍ଦରର ସ୍ଥିତି

*65 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅସ୍ତରଙ୍ଗ ବନ୍ଦରର ବର୍ତ୍ତମାନର ସ୍ଥିତି କ'ଣ ଏବଂ ଏହାର ନିର୍ମାଣ କାର୍ଯ୍ୟ କେତେ ପ୍ରତିଶତ ସମ୍ପନ୍ନ ହୋଇଛି ; ଅସ୍ତରଙ୍ଗ ବନ୍ଦର ନିର୍ମାଣ ଓ ବିକାଶ ପାଇଁ କେଉଁ କମ୍ପାନୀ/ସଂସ୍ଥା ସହିତ, କେବେ ଏବଂ କେତେ ମୂଲ୍ୟର ଚୁକ୍ତିନାମା/ରାଜିନାମା ସ୍ୱାକ୍ଷରିତ ହୋଇଛି; ଉକ୍ତ ବନ୍ଦର ନିର୍ମାଣ କାର୍ଯ୍ୟ କେବେ ସୁଦ୍ଧା ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଏବଂ ଏଥିପାଇଁ ବର୍ତ୍ତମାନ କେଉଁ କାର୍ଯ୍ୟଗୁଡ଼ିକ ଚାଲୁ ରହିଛି?

----

## ସରକାରୀ ଯୋଜନା ଓ ନାଗରିକ ସେବା ଉପରେ ସଚେତନତା

*୬୬ **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସରକାରୀ ଯୋଜନା ଓ ନାଗରିକ ସେବାଗୁଡ଼ିକ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଗ୍ରାମପଞ୍ଚାୟତ, ସାମୁହିକ କାର୍ଯ୍ୟକ୍ରମ, ଡିଜିଟାଲ୍ ମଞ୍ଚ, ସ୍ଥାନୀୟ ଗଣମାଧ୍ୟମ ଏବଂ ସୂଚନା କେନ୍ଦ୍ରଗୁଡ଼ିକ ମାଧ୍ୟମରେ କଟକ ସଦରରେ ତୃଣମୂଳ ସ୍ତରୀୟ ସୂଚନା ଓ ସଚେତନତା ଅଭିଯାନକୁ ସୁଦୃଢ଼ କରିବାକୁ ସରକାର ପ୍ରସ୍ତାବ ଦେଇଛନ୍ତି କି; ଏହା ସହିତ ସରକାରୀ ଯୋଜନା, ବିକାଶମୂଳକ ପ୍ରକଳ୍ପ, ସାର୍ବଜନୀନ ସେବା ଏବଂ ବିପର୍ଯ୍ୟୟ-ସମ୍ବନ୍ଧୀୟ ସୂଚନାଗୁଡ଼ିକୁ ଡିଜିଟାଲ୍ ଓ ଗୋଷ୍ଠୀ-ଆଧାରିତ ଯୋଗାଯୋଗ ମାଧ୍ୟମରେ ପହଞ୍ଚାଇବା ପାଇଁ କଟକ ସଦର ପାଇଁ ଏକ "ଡିଜିଟାଲ୍ ସାର୍ବଜନୀନ ସୂଚନା ପଦକ୍ଷେପ" (digital public-information initiative) ହାତକୁ ନିଆଯାଇପାରିବ କି; ଏହା ପାଇଁ କିଛି ପଦକ୍ଷେପ ଗ୍ରହଣ କରିଛନ୍ତି କି ?

----

## OSRTC ବସ ଚଳାଚଳ ପାଇଁ ବ୍ୟବସ୍ଥା

*67 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗୁଣୁପୁର ନିର୍ବାଚନ ମଣ୍ଡଳୀରେ ଗୁଡ଼ାରୀ NAC ର ମାନ୍ୟତା 50 ବର୍ଷ ହୋଇଗଲେ ମଧ୍ୟ ସେଠାରୁ ଭୁବନେଶ୍ୱର ରାଜଧାନୀ ଓ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ବିଶାଖାପାଟଣା ପାଇଁ ସିଧାସଳଖ ଗମନା ଗମନ ପାଇଁ ସରକାରଙ୍କ OSRTC Busର ସୁବିଧା ଯୋଗେଇଦେବେ କି ?

----

## କ୍ଷୁଦ୍ର ଆନିକଟ ନିର୍ମାଣ

*୬୮ **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ବଡ଼ମ୍ବା ନିର୍ବାଚନ ମଣ୍ଡଳୀର ଜଳ ସଂରକ୍ଷଣ ଓ ଜଳସେଚନ ସାମର୍ଥ୍ୟ ବୃଦ୍ଧି ଦୃଷ୍ଟିରୁ ମହାନଦୀ ଜଳସେଚନ (ଉତ୍ତର) ଖଣ୍ଡ ଅଧୀନରେ ଥିବା ମହାନଦୀରେ ଭଙ୍ଗାରିକା, ଶଶାଙ୍ଗ, ବନମାଳୀପୁର ଗ୍ରାମ ନିକଟରେ କ୍ଷୁଦ୍ର ଆନିକଟ (ISS) ନିର୍ମାଣ ପାଇଁ ସରକାର ବିଚାର କରିବେ କି, (ଖ) ଉତ୍ତର ହଁ ହେଲେ ଏହା କେବେ କାର୍ଯ୍ୟକାରୀ ହେବ ?

----

## ପୁରୁଣା ବାତ୍ୟା ଆଶ୍ରୟସ୍ଥଳୀର ଅବସ୍ଥା

*୬୨ **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) ରାଜ୍ୟରେ ୨୦୨୪ ମସିହା ପର୍ଯ୍ୟନ୍ତ କେତେ ସଂଖ୍ୟକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଥିଲା ଏବଂ ବିଗତ ଦୁଇ ବର୍ଷ ମଧ୍ୟରେ କେତେ ନୂତନ ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି, ତା'ର ଏକ ଜିଲ୍ଲା, ବ୍ଲକ୍ ଓ ପଞ୍ଚାୟତ ୱାରି ବିବରଣୀ ପ୍ରଦାନ କରିବେ କି; (ଖ) ପୁରୁଣା ଆଶ୍ରୟସ୍ଥଳୀ ଗୁଡିକର ଅବସ୍ଥା କେବେ ତନଖି କରାଯାଇଥିଲା ଓ କେଉଁ ଆଶ୍ରୟସ୍ଥଳୀର ଅବସ୍ଥା କ'ଣ ରହିଛି ?

----

## ଚୋରା କୋଇଲା ଜବତ

*70 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2024-25 ଓ 2025-26 ମସିହା ମଧ୍ୟରେ ସୁନ୍ଦରଗଡ ଜିଲ୍ଲାରେ କେତେ ପରିମାଣର ଚୋରା କୋଇଲା ଜବତ ହୋଇଥିଲା, ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ତରଫରୁ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି?

----

## MP ଓ MLA LAD ରୁ ହୋଇଥିବା ପ୍ରକଳ୍ପ

*71 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ୨୦୨୫-୨୬ ଓ ୨୦୨୬ - ୨୭ ଆର୍ଥିକ ବର୍ଷରେ ବାଲେଶ୍ୱର MLA LAD ରୁ କୋଟୋଟି ପ୍ରକଳ୍ପ ପାଇଁ ପ୍ରସ୍ତାବ ଆସିଛି, ସେଥିରୁ କେତୋଟି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇଛି କେତେ ଅର୍ଥ ଖର୍ଚ୍ଚ ହୋଇଛି, କେତୋଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି, ତାହାର ସମ୍ପୂର୍ଣ୍ଣ ବିବରଣୀ ନିର୍ବାଚନ ମଣ୍ଡଳୀୱାରୀ ପ୍ରଦାନ କରିବେ କି ?

----

## କ୍ରୁଜ ବନ୍ଦର ବିକାଶ

*72 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀରେ କ୍ରୁଜ୍ ଟର୍ମିନାଲ୍/କ୍ରୁଜ୍ ବନ୍ଦର କିମ୍ବା କ୍ରୁଜ୍ ପର୍ଯ୍ୟଟନ ଭିତ୍ତିଭୂମି ବିକଶିତ କରିବା ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ଅଛି କି, ଯଦି ହଁ, ଏହାର ବିସ୍ତୃତ ବିବରଣୀ କ'ଣ, ଉକ୍ତ ପ୍ରକଳ୍ପର ଆନୁମାନିକ ମୂଲ୍ୟ/ବଜେଟ୍ କେତେ ଏବଂ ଏଥିପାଇଁ କେଉଁ ଉତ୍ସରୁ ଅର୍ଥ ଯୋଗାଣ କରାଯିବ, ପ୍ରକଳ୍ପଟି କେଉଁ ସ୍ଥାନରେ କେଉଁ ସଂସ୍ଥା ଦ୍ୱାରା ବିକଶିତ କରାଯିବ, ପ୍ରକଳ୍ପଟି କେବେ ଆରମ୍ଭ ହେବ ଏବଂ କେବେ ସୁଦ୍ଧା ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରିବାକୁ ସମୟସୀମା ଧାର୍ଯ୍ୟ କରିଛନ୍ତି ?

----

## ମୁଖ୍ୟମନ୍ତ୍ରୀ ବସ ସେବା ଦ୍ୱାରା ବସ ଚଳାଚଳ

*73 **ଶ୍ରୀମତୀ ପ୍ରମିଳା ମଲିକ (ବିଞ୍ଝାରପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ)ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ରେ କେତେ ବସ୍ ରାଜ୍ୟର କେଉଁ ଅଞ୍ଚଳକୁ ଚଳାଚଳ କରୁଛି ଓ କେତେ ବସ୍ ଅଚଳ ହୋଇ ପଡିରହିଛି, (ଖ) ଏହି ଯୋଜନାରେ କେତେ ଅର୍ଥ ଖର୍ଚ୍ଚ କରି କେତେଗୋଟି ନୂତନ ବସ୍ କିଣା ଯାଇଥିଲା?

----

## ଜଳାଶୟ ଓ ଜଳ ସଂରକ୍ଷଣ ଗୁଡିକୁ ସଫେଇ କରିବା

*74 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା ସମସ୍ତ ଜଳାଶୟ ଓ ଅନ୍ୟାନ୍ୟ ଜଳ ସଂରକ୍ଷଣ ଉତ୍ସଗୁଡ଼ିକର ସଫେଇ, ଓ ଆବଶ୍ୟକ ସ୍ଥଳେ ପଙ୍କୋଦ୍ଧାର ଏବଂ ରକ୍ଷଣାବେକ୍ଷଣ ସହିତ ଜଳର ସୁଚାରୁ ପ୍ରବେଶ ଓ ନିଷ୍କାସନ ପାଇଁ Inlet ଓ Outlet ବ୍ୟବସ୍ଥାର ଅନୁଧ୍ୟାନ କରାଯାଇଛି କି, ଏବଂ ଭୂତଳ ଜଳକୁ ରିଚାର୍ଜ କରିବା ପାଇଁ ରିଚାର୍ଜ ଶାଫ୍ଟର ବ୍ୟବସ୍ଥା କରିବେ କି ?

----

## ଖଣ୍ଡପଡାକୁ ରାଜସ୍ୱ ସବଡିଭିଜନ ମାନ୍ୟତା

*75 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖଣ୍ଡପଡାକୁ ରାଜସ୍ୱ ସବିଡିଭିଜନରେ ପରିଣତ କରିବାକୁ ଜନସାଧାରଣଙ୍କ ଦୀର୍ଘ ଦିନର ଦାବି ପ୍ରତି ଗୁରୁତ୍ୱ କରାଯିବ କି, ଯଦି ହଁ, ତାହା ସମ୍ପର୍କୀତ ଘୋଷଣା କରାଯିବା ପାଇଁ ପଦକ୍ଷେପ ନିଆଯିବ କି ?

----

## ଦେବଗଡ଼ ଜିଲ୍ଲାରେ ଥିବା ମରମ ଖଣି

*76 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦେବଗଡ଼ ଜିଲ୍ଲାରେ ମରମ କ୍ୱାରୀ ସଂଖ୍ୟା କେତେ; ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟବହୃତ ହେଉଥିବା ମରମ କେଉଁଠାରୁ ଆସୁଅଛି ?

----

## ପ୍ରକଳ୍ପର ତାଲିକା

*77 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- DME ପାଣ୍ଠିରୁ କେନ୍ଦୁଝର ଜିଲ୍ଲାରେ ୨୦୧୭/୧୮ ଆର୍ଥିକ ବର୍ଷ ଠାରୁ ଏଯାବତ୍ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି, ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ ତାଲିକା ଯଥା, କାର୍ଯ୍ୟର ନାମ, ବ୍ୟୟ ଅଟକଳ ପରିମାଣ, କେତେ ଅର୍ଥ ବ୍ୟୟ ହୋଇଛି, କାର୍ଯ୍ୟକାରୀ ସଂସ୍ଥାର ନାମ, ପ୍ରକଳ୍ପର ସ୍ଥିତି ସମ୍ପର୍କରେ ଜଣାଇବେ କି ?

----

## ସରକାରୀ ବସ ଚଳାଚଳ ପାଇଁ ପଦକ୍ଷେପ

*78 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସିକା ଠାରୁ କଟକ ଗୋଟିଏ ସରକାରୀ ବସ ପ୍ରତ୍ୟେକ ଦିନ ସକାଳ ୫ଟା ଆସିକା ବସଷ୍ଟାଣ୍ଡରେ ଦିନ ୧୦ ଟା ରେ ପହଞ୍ଚୁଥିଲା ଯଦ୍ଦ୍ୱାରା ଅଞ୍ଚଳ ବାସୀଙ୍କର ବିଭିନ୍ନ କାର୍ଯ୍ୟ ସହ ହାଇକୋର୍ଟ ଓ Board of Revenue ର କାର୍ଯ୍ୟ ଅତି ସୁରୁଖୁରୁରେ କରି ଫେରି ଆସୁଥିଲେ, ମାତ୍ର ଉକ୍ତ ବସ ଟି ଗତ ଦୁଇ ବର୍ଷ ହେବ ଚଳାଚଳ ବନ୍ଦ ହୋଇଯାଇଅଛି, ଯଦ୍ଦ୍ୱାରା ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏଣୁ କେବେ ସୁଦ୍ଧା ଚଳାଚଳ ଆରମ୍ଭ କରିବ ?

----

## ଜଳ ପ୍ରକଳ୍ପ ଦ୍ୱାରା ଜମିକୁ ଜଳ ସେଚନ

*79 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅନୁଗୋଳ ବ୍ଲକ୍ ରେ କ୍ଷୁଦ୍ର ଓ ମଧ୍ୟମ ଜଳ ସେଚନ ବିଭାଗ ଅଧିନରେ ଥିବା ଟାକୁଆ ନଦିରେ ପାତେଳି ଗ୍ରାମର ଗୋଛାୟତ ସାହିଠାରେ ଏବଂ ରାମ ବେରେଣୀ ଗ୍ରାମର ତଳ ମୁଣ୍ଡରେ ଚାଷ ଜମିକୁ ଜଳ ସେଚନ ପାଇଁ ଦୁଇଟି ଜଳ ପ୍ରକଳ୍ପ କରାଯାଇ ଯାହାଦ୍ୱାରା ଅଞ୍ଚଳର ଚାଷିମାନେ ଉପକୃତ ହେବେ ସରକାର ଏଦିଗରେ କଣ ପଦକ୍ଷେପ ନେଇଛନ୍ତି ?

----

## ପୁନଃ ଚକବନ୍ଦୀ କାର୍ଯ୍ୟ ପାଇଁ ପ୍ରସ୍ତାବ

*80 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେ ଗ୍ରାମରେ ଚକବନ୍ଦୀ ହୋଇ ପାରିନଥିଲା ତାର ଏକ ତାଲିକା ଦେବା ସହିତ ଓ ସେହି ଗ୍ରାମରେ ପୁନଃ ଚକବନ୍ଦୀ ଲାଗୁ ହେବା ପାଇଁ ପ୍ରସ୍ତାବ ରହିଛି କି, ଯଦି ଥାଏ ଏହାକୁ କେବେ କାର୍ଯ୍ୟକାରୀ କରିବେ ?

----

## Govt. surveyed the mineral Resources of Balangir dist.

*81 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Whether Government has surveyed the mineral resources of Balangir district; if so, the details thereof, including operational mining leases, minerals extracted and revenue generated during the last three years; The number of stone quarries and sand quarries operating in Balangir district, the quantity of minor minerals extracted and royalty collected during the last three years, and the action taken against illegal mining, quarrying, transportation and storage, including cases registered and penalties imposed; & The concession allowed per stone quarry versus the Actual mining production and corresponding in each stone quarry sales in the last 3 years?

----

## ଓଡ଼ିଶାର ବିକାଶ

***82 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସମୃଦ୍ଧ ଓଡିଶା 2036 ପାଇଁ ରାଜ୍ୟ ସରକାର କି କି ପଦକ୍ଷେପ ନେଉଛନ୍ତି ଓ ଓଡିଶାର କି କି ବିକାଶ କରିବା ପାଇଁ କି ପ୍ରକାର ଯୋଜନା କରିଛନ୍ତି?

----

## ସାର୍ବଜନୀନ ପରିବହନ ବ୍ୟବସ୍ଥା ବୃଦ୍ଧି ପାଇଁ ପଦକ୍ଷେପ

***83 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ଅନେକ ଦୁର୍ଗମ ଓ ଆଦିବାସୀ ଅଞ୍ଚଳରେ ନିୟମିତ ସାର୍ବଜନୀନ ବସ୍ ସେବାର ଅଭାବ ଯୋଗୁଁ ଛାତ୍ରଛାତ୍ରୀ, ରୋଗୀ, ମହିଳା ଓ ଶ୍ରମିକମାନେ ଦୈନନ୍ଦିନ ଯାତାୟାତରେ ଅସୁବିଧା ଭୋଗୁଥିବା ପରିପ୍ରେକ୍ଷୀରେ, ଜିଲ୍ଲାୱାରୀ କେତେ ଗ୍ରାମ/ ପଞ୍ଚାୟତକୁ ନିୟମିତ ବସ୍ ସେବା ମିଳୁଛି ଏବଂ କେତେ ଅଞ୍ଚଳ ଏବେ ମଧ୍ୟ ଏହି ସୁବିଧାରୁ ବଞ୍ଚିତ? ବିଶେଷକରି କୋରାପୁଟ ଓ ଅନ୍ୟାନ୍ୟ ପାହାଡ଼ିଆ/ ଆଦିବାସୀ ଅଞ୍ଚଳରେ ସାର୍ବଜନୀନ ପରିବହନ ବଢ଼ାଇବା ପାଇଁ ସରକାରଙ୍କ ନିର୍ଦ୍ଦିଷ୍ଟ ଯୋଜନା କ'ଣ ?

----

## ନୂଆଗାଁ ନିକଟରେ ଥିବା ଡ୍ୟାମରୁ ପଙ୍କ ଉଦ୍ଧାର

***84 ଶ୍ରୀ କହ୍ନାଇଁ ଚରଣ ଡାଙ୍ଗ (କନ୍ଧମାଳ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବଉଦ ଜିଲ୍ଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ବିରଜରସିଂହପୁର ପଞ୍ଚାୟତର ନୂଆଗ୍ରାମ ନିକଟରେ ଥିବା ଡ୍ୟାମ ଦିନକୁ ଦିନ ପୋତି ହୋଇହେବାର ସରକାରଙ୍କର ଦୃଷ୍ଟିକୁ ଆସିଛି କି, ଫଳରେ ଜଳସ୍ତରରେ ଦୃଢ ଭାବରେ ହ୍ରାସ ଘଟୁଥିବା ଏବଂ ଏହି ଡ୍ୟାମର ଜଳ ଧାରଣା କ୍ଷମତା ସଙ୍କୁଚିତ ହେବା ଫଳରେ ଏଥିରେ ନିର୍ଭର କରୁଥିବା ଚାଷି ହଇରାଣ ହେବା ବିଷୟରେ ସରକାରଙ୍କଠାରେ ଖବର ଅଛି କି, ଏହାକୁ ଗୁରୁତ୍ୱ ଦେଇ ପଙ୍କ ଉଦ୍ଧାର କରିବା ପାଇଁ ସରକାର କେବେସୁଧା ବିହିତ ପ୍ରତିକାର କରିବେ ?

----

## ଭୂମୀହୀନଙ୍କୁ ପଟ୍ଟା ପ୍ରଦାନ

***85 ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଗତସିଂହପୁର ନିର୍ବାଚନ ମଣ୍ଡଳୀରେ ବିଗତ ପାଞ୍ଚବର୍ଷରେ କେତେ ଜଣ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ କରାଯାଇଛି, ସୋନଙ୍କର ନାମ, ଠିକଣା ବର୍ଷୱାରୀ ପ୍ରଦାନ କରିବେ କି, ଏବଂ ବର୍ତ୍ତମାନ ସୁଦ୍ଧା କେତେ ଜଣ ଆବେଦନ କରିଛନ୍ତି, ତାହାର ସମସ୍ତ ତଥ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଯେଉଁ ଆବେଦନକାରୀ ପଟ୍ଟା ପାଇବାରୁ ବଞ୍ଚିତ ଅଛନ୍ତି କିପରି ସେମାନଙ୍କୁ ଶୀଘ୍ର ପ୍ରଦାନ କରାଯିବ ସେଥିପ୍ରତି ଗୁରୁତ୍ୱ ଦେବେ କି ?

----

## ସୁନ୍ଦରଗଡ ଜିଲ୍ଲାର ବାଲିଘାଟ ନିଲାମ

*୫୬ **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ ଜିଲ୍ଲାରେ ବାଲିଘାଟ ର ନିଲାମ ନହେବାର କାରଣ କଣ, ବାଲିର ଅଭାବ ଯୋଗୁଁ ସରକାରୀ ଓ ବେସରକାରୀ ନିର୍ମାଣ କାମରେ ବାଧା ସୃଷ୍ଟି ହେବା ବିଷୟରେ ସରକାର ଅବଗତ ଅଛନ୍ତି କି, ଏହାର ସମାଧାନ ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## DMF ପାଣ୍ଠିର ବିନିଯୋଗ

*87 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ୨୦୧୬/୧୭ ଆର୍ଥିକ ବର୍ଷରୁ ଏଯାବତ୍ ବିଭିନ୍ନ ଜିଲ୍ଲାରେ ଥିବା DMF ପାଣ୍ଠିକୁ ସେହି ଜିଲ୍ଲାର କେଉଁ କେଉଁ ପ୍ରକଳ୍ପ ବା ଯୋଜନା ପାଇଁ ଖର୍ଚ୍ଚ ହୋଇଛି ଜଣାଇବେ କି, ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ ତଥ୍ୟ ସମ୍ପର୍କରେ ଜିଲ୍ଲା ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ସରକାରୀ ବସ ଚଳାଚଳ ପାଇଁ ପଦକ୍ଷେପ

*୫୫ **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପ୍ରତିଦିନ ହଜାର ହଜାର ଲୋକ medical ଏବଂ ଅନ୍ୟାନ୍ୟ କାମରେ ଜୁନାଗଡ଼ ଠାରୁ ରାୟପୁରକୁ ଏବଂ ଜନାଗଡ଼ଠାରୁ ବିଶାଖାପାଟଣା ଯାଉଛନ୍ତି, ଲୋକମାନଙ୍କର ସୁବିଧା ପାଇଁ ଉକ୍ତ ସ୍ଥାନ ମାନଙ୍କୁ ସରକାରୀ ବସ ଚଲାଇବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ବ୍ରାହ୍ମଣୀ ନଦୀର last ଝାଲପଡ଼ାଠାରୁ ରାମଚନ୍ଦ୍ରପୁର ରାସ୍ତା ନିର୍ମାଣ

*୫୨ **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଯାଜପୁର ଜିଲ୍ଲାର ବରୀ ନିର୍ବାଚନ ମଣ୍ଡଳୀ ଏକ ନଦୀ ନାଳ ଭରା ଅଞ୍ଚଳ, ଉକ୍ତ ଅଞ୍ଚଳରେ ବରୀର ବ୍ରାହ୍ମଣୀ ନଦୀର left ଝାଲପଡାଠାରୁ ରାମଚନ୍ଦ୍ରପୁର ରାସ୍ତାରେ ସବୁଦିନିଆ ଉଚ୍ଚ, ଏବଂ ପ୍ରଶସ୍ତିକରଣ ରାସ୍ତା ନିର୍ମାଣ ଲାଗି ସରକାର ପଦକ୍ଷେପ ନେବେ କି ?

----

## ବୁରାଡାଲା ଠାରେ R.I. ଅଫିସ ଖୋଲିବା

*୨୦ **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ତିକିଟି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚିକିଟି ନିର୍ବାଚନ ମଣ୍ଡଳୀର ପାତ୍ରପୁର ବ୍ଲକର ଜରଡା ଠାରେ ଥିବା R.I. Office ବୁରାତାଲା, ଆଙ୍କୁଲି, ତୁମ୍ପା, ଜରଡା ଓ ସାମନ୍ତରାପୁର ପଞ୍ଚାୟତର ପାଖାପାଖି 100 ଗୋଟି ରାଜସ୍ୱ ଗ୍ରାମକୁ ନେଇ ଗଠିତ ; ଜରଡା R.I. Office ଠାରୁ ଏସବୁ ଗ୍ରାମଗୁଡିକର ଦୂରତା 50-60 କି.ମି. ଦୂରତା ଅଟେ ; ଯାହାଦ୍ୱାରା ଜରଡା R.I. Office ଯିବା ଏସବୁ ଅଞ୍ଚଳର ଲୋକଙ୍କର ଅସୁବିଧା ହେଉଛି ; ତେଣୁ ବୁରାତାଲା ଠାରେ ଏକ R.I. Office କରିବାର ବ୍ୟବସ୍ଥା କରିବେ କି?

----